ପରମାନନ୍ଦ ସିଂହ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

( ଦେୱାନୀ ଆବେଦନ ସଂଖ୍ୟା 478/2009 )

ଜାନୁଆରୀ 28,2009

**[ଡକ୍ଟର ଅରିଜିତ୍ ପଶାୟତ୍ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ-ନିଯୁକ୍ତି-ଆବେଦନକାରୀ  ଙ୍କ ଦାବି ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଗଲା ଯେ ସେ ତାଙ୍କ ଯୋଗ୍ୟତା ସମ୍ବନ୍ଧରେ ମୂଳ ପ୍ରମାଣପତ୍ର/ଦସ୍ତାବିଜ୍ ଦାଖଲ କରିନଥିଲେ - ନିଯୁକ୍ତ ହୋଇଥିବା ଉତ୍ତରଦାତା ସଂଖ୍ୟା 6 ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ୍ ଦାଖଲ କରିଥିଲେ - ନିର୍ଣ୍ଣୟ ନିଆଗଲା ଯେ : ଆବେଦନକାରୀ ମୂଳ ଦସ୍ତାବିଜଗୁଡ଼ିକୁ ଉପସ୍ଥାପନ କରିବାର ସ୍ଥିତିରେ ନଥିଲେ କାରଣ ସେଗୁଡିକ ସେହି ଅନୁଷ୍ଠାନରେ ଥିଲା  ଯେଉଁଠାରେ ସେ ତାଙ୍କ ଅଧ୍ୟୟନ କରିଥିଲେ - ତଥାପି, ଉତ୍ତରଦାତା ସଂଖ୍ୟା  6 ଙ୍କର ସେବା ଜାରି ରଖିବା ବାଧାପ୍ରାପ୍ତ ହୋଇନଥିଲା - ନିର୍ଦ୍ଦେଶ ଜାରି କରାଯାଇଥିଲା ଯେ କୌଣସି ଶୂନ୍ୟ ପଦବୀ, ଯେଉଁଠାରେ ଆବେଦନକାରୀଙ୍କୁ ସମାଯୋଜନ କରାଯାଇପାରିବ, ତାହା କର୍ତ୍ତୃପକ୍ଷମାନଙ୍କ ଦ୍ୱାରା କରାଯିବ।*

ଅତିରିକ୍ତ ବିଭାଗୀୟ ଶାଖା ପୋଷ୍ଟ ମାଷ୍ଟର ପଦବୀରେ  ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦାବକୁ  ନ୍ୟାୟାଧିକରଣ ଦୁଇଟି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ; ପ୍ରଥମତଃ, ଏକ ଜମି ତାଙ୍କ ମାଲିକାନାରେ ଥିଲା ଏବଂ ଦ୍ୱିତୀୟତଃ ସେ ତାଙ୍କ ଯୋଗ୍ୟତା ସମ୍ବନ୍ଧରେ ମୂଳ ପ୍ରମାଣପତ୍ର/ଦସ୍ତାବିଜ ଦାଖଲ କରିନଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରୀ ଆଜ୍ଞାଦେଶ ଆବେଦନ ଦାଖଲ କଲେ ।ଉଚ୍ଚ ନ୍ୟାୟାଳୟ ଧରିନେଲେ ଯେ ଯଦିଓ ଜମିର ମାଲିକାନା ଆବେଦନକାରୀଙ୍କ ନାମରେ ନାହିଁ ବୋଲି ପ୍ରଥମ ଆଧାରକୁ ଗ୍ରହଣ କରାଯାଏ, ତଥାପି ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରାଯାଇନଥିବାରୁ ଏବଂ ନିଯୁକ୍ତ ହୋଇଥିବା ଉତ୍ତରଦାତା ସଂଖ୍ୟା  6 ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରିଥିବାରୁ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଗଲା ।

ଏହି ନ୍ୟାୟାଳୟରେ ଆବେଦନରେ, ଆବେଦନକାରୀଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ମୂଳ ଦସ୍ତାବିଜଗୁଡିକ ସେହି ଅନୁଷ୍ଠାନ ପାଖରେ ଥିଲା ଯେଉଁଠାରେ ଆବେଦନକାରୀ ତାଙ୍କ

ଅଧ୍ୟୟନ କରୁଥିଲେ ଏବଂ ଏହିପରି ଅନୁଷ୍ଠାନ ସ୍ପଷ୍ଟ ଭାବରେ ପ୍ରମାଣିତ କରିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ଛାତ୍ରମାନେ ସେମାନଙ୍କର ନାମଲେଖା ସମୟରେ ଦାଖଲ କରିଥିବା ମାର୍କସିଟ୍, ଆଡମିଟ୍ କାର୍ଡ, ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ ଦସ୍ତାବିଜଗୁଡିକର ମୂଳ ନକଲ ସେମାନଙ୍କୁ ଫେରା ଯାଇନାହିଁ। ଆବେଦନକାରୀଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ମୂଳ ଦସ୍ତାବିଜଗୁଡ଼ିକୁ ଦାଖଲ କରିବାର କୌଣସି ଆବଶ୍ୟକତା ନାହିଁ।

ଏହି ଆବେଦନକୁ ଫଇସଲା କରିବାରେ ଏହି ନ୍ୟାୟାଳୟ

ରାୟ ଦେଲେ ଯେ : ମୂଳ ଦସ୍ତାବିଜଗୁଡ଼ିକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦାଖଲ ହୋଇନଥିଲା କାରଣ ଦସ୍ତାବିଜଗୁଡ଼ିକ ଆବେଦନକାରୀ ଯେଉଁ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରୁଥିଲେ ସେଠାରେ ଥିଲା ଏବଂ ଆବେଦନକାରୀ ମୂଳ ଦସ୍ତାବିଜଗୁଡ଼ିକୁ ଦାଖଲ କରିବାର ସ୍ଥିତିରେ ନଥିଲେ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଅନୁଧ୍ୟାନ ଅନୁଯାୟୀ ମୂଳ ଦସ୍ତାବିଜ ପ୍ରସ୍ତୁତ କରିବାର କୌଣସି ଆବଶ୍ୟକତା ଅଛି କି ନାହିଁ ତାହା ଯାଞ୍ଚ କରିବାର ଆବଶ୍ୟକତା ନାହିଁ । ଉତ୍ତରଦାତା ସଂଖ୍ୟା 6 ସେବାରେ ତାଙ୍କ କାର୍ଯ୍ୟରେ ଜାରି ରଖିଛନ୍ତି । ତେଣୁ, ତାଙ୍କ ସେବା ଜାରି ରଖିବାରେ ବାଧା ସୃଷ୍ଟି ନକରି, ଏହା ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ନିକଟସ୍ଥ ଅଞ୍ଚଳରେ କୌଣସି ଶୂନ୍ୟ ପଦବୀ ଅଛି ଯେଉଁଠାରେ ଆବେଦନକାରୀଙ୍କୁ ସମଯୋଜନ କରାଯାଇପାରିବ, ଆବଶ୍ୟକ ନିୟମ ଅନୁସରଣ କରିବା ପରେ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଏହା କରାଯାଇପାରିବ ।ଆବେଦନକାରୀ କୌଣସି ପିଛିଲା ମଜୁରୀ ପାଇବାକୁ ହକଦାର ହେବେ ନାହିଁ ଏବଂ ଉତ୍ତରଦାତା ସଂଖ୍ୟା 6 ଙ୍କ ର ସେବା ଜାରି ରଖିବା ବାଧାପ୍ରାପ୍ତ ହେବ ନାହିଁ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 478/2009।

ଦେୱାନୀ ଆବେଦନ ଅଧିକାରିତା ସଂଖ୍ୟା 16367/2004 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର 4.1.2005 ତାରିଖର ରାୟ/ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏଚ୍. ଏଲ୍. ଅଗ୍ରୱାଲ୍ , ଏ. ଜି. ଅଗ୍ରୱାଲ୍ ଏବଂ ଡକ୍ଟର କୈଳାସ ଚାନ୍ଦ୍।

ଉତ୍ତରଦାତାଙ୍କ ତରଫରୁ ବି. ଦତ୍ତ, ଅତିରିକ୍ତ ସଲିସିଟର ଜେନେରାଲ୍, ସାଧନା ସାନ୍ଧୁ, ବି. କେ. ପ୍ରସାଦ, ଭି. କେ. ବର୍ମା, ଅଖିଳେଶ କୁମାର ପାଣ୍ଡେ ଏବଂ ଶାଳିନୀ ଚନ୍ଦ୍ର।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1.ଅନୁମତି ପ୍ରଦାନ କରାଗଲା।

2. ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରି ପାଟନା ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କର ପାଟନା ଖଣ୍ଡପୀଠଙ୍କ (ସଂକ୍ଷେପରେ 'CAT') ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଥିଲା ।କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ , ଏହାର ଆକ୍ଷେପିତ ଆଦେଶ ଦ୍ୱାରା ଅତିରିକ୍ତ ବିଭାଗୀୟ ଶାଖା ପୋଷ୍ଟ ମାଷ୍ଟର (ସଂକ୍ଷେପରେ 'EDBPM') ପଦବୀରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦାବିକୁ ଅସ୍ୱୀକାର କରିଦେଇଥିଲେ । କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ଦାବିକୁ ଦୁଇଟି ଆଧାରରେ ଗ୍ରହଣ କରାଯାଇପାରିବ ନାହିଁ; ପ୍ରଥମତଃ, ଏକ ଜମି ତାଙ୍କ ମାଲିକାନାରେ ଥିଲା ଏବଂ ଦ୍ୱିତୀୟତଃ ସେ ତାଙ୍କ ଯୋଗ୍ୟତା ସମ୍ବନ୍ଧରେ ମୂଳ ପ୍ରମାଣପତ୍ର ଦାଖଲ କରିନଥିଲେ ।ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଆଭିମୁଖ୍ୟ ଥିଲା ଯେ ଏଠାରେ ଜମିର ମାଲିକାନା ସମ୍ବନ୍ଧୀୟ ସିଦ୍ଧାନ୍ତ ଭୁଲ, କାରଣ ଏହି ମାଲିକାନା ଅନ୍ୟ ଏକ ଜମି ସମ୍ବନ୍ଧରେ ଥିଲା , କିନ୍ତୁ ଏହା ଆବେଦନକାରୀଙ୍କ ଜମି ସହ ସମ୍ପୃକ୍ତ ନଥିଲା ।ଏହା ମଧ୍ୟ ଦର୍ଶାଯାଇଥିଲା ଯେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ, ଆବେଦନ ଶୁଣାଣି ସମୟରେ ପ୍ରମାଣପତ୍ରମାନ ଉପସ୍ଥାପନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଧରିନେଲେ ଯେ ଯଦିଓ ଜମିର ମାଲିକାନା ଆବେଦନକାରୀଙ୍କ ନାମରେ ନାହିଁ ବୋଲି ପ୍ରଥମ ଆଧାରକୁ ଗ୍ରହଣ କରାଯାଏ, ତଥାପି ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରାଯାଇନଥିବାରୁ ଏବଂ ନିଯୁକ୍ତ ହୋଇଥିବା ଉତ୍ତରଦାତା ସଂଖ୍ୟା 6 ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରିଥିବାରୁ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଗଲା ।ତେଣୁ ଏହି ଆବେଦନକୁ ଖାରଜ କରିଦିଆଗଲା ।

3. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ପରାମର୍ଶଦାତା ଦାଖଲ କରିଥିଲେ ଯେ ମୂଳ ଦସ୍ତାବିଜଗୁଡିକ ସେହି ଅନୁଷ୍ଠାନ ପାଖରେ ଥିଲା ଯେଉଁଠାରେ ଆବେଦନକାରୀ ତାଙ୍କ ଅଧ୍ୟୟନ କରୁଥିଲେ ଏବଂ ଏହିପରି ଅନୁଷ୍ଠାନ ସ୍ପଷ୍ଟ ଭାବରେ ପ୍ରମାଣିତ କରିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ଛାତ୍ରମାନେ ସେମାନଙ୍କର ନାମଲେଖା ସମୟରେ ଦାଖଲ କରିଥିବା ମାର୍କସିଟ୍, ଆଡମିଟ୍ କାର୍ଡ, ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ ଦସ୍ତାବିଜଗୁଡିକର

ମୂଳ ନକଲ ସେମାନଙ୍କୁ ଫେରା ଯାଇନାହିଁ । ଆବେଦନକାରୀଙ୍କ ଆଭିମୁଖ୍ୟ ଏହା ଯେ, ମୂଳ ଦସ୍ତାବିଜଗୁଡ଼ିକ ଦାଖଲ କରିବାର କୌଣସି ଆବଶ୍ୟକତା ନାହିଁ।

4. ଉତ୍ତରଦାତା-ରାଜ୍ୟ ପାଇଁ ବିଦ୍ୱାନ ଅଧିବକ୍ତା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମର୍ଥନ କରିଥିଲେ।

5. ଏହା ବିବାଦୀୟ ନୁହେଁ ଯେ ମୂଳ ଦସ୍ତାବିଜଗୁଡ଼ିକ କର୍ତ୍ତୃପକ୍ଷମାନଙ୍କ ନିକଟରେ ଦାଖଲ ହୋଇନଥିଲା କାରଣ ଦସ୍ତାବିଜଗୁଡ଼ିକ ଆବେଦନକାରୀ ଅଧ୍ୟୟନ କରିଥିବା ଶିକ୍ଷା ଅନୁଷ୍ଠାନ ଅର୍ଥାତ୍ ମୁଜାଫରପୁର ସ୍ଥିତ ରାମଦୟାଲୁ ସିଂ ମହାବିଦ୍ୟାଳୟରେ ଥିଲା ଏବଂ ଆବେଦନକାରୀ ମୂଳ ଦସ୍ତାବିଜଗୁଡ଼ିକ ଦାଖଲ କରିବା ସ୍ଥିତିରେ ନଥିଲେ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଅନୁଧ୍ୟାନ ଅନୁଯାୟୀ ମୂଳ ଦସ୍ତାବିଜ ଦାଖଲ କରିବାର କୌଣସି ଆବଶ୍ୟକତା ଅଛି କି ନାହିଁ ତାହା ଯାଞ୍ଚ କରିବାର ଆବଶ୍ୟକତା ନାହିଁ ।ଉତ୍ତରଦାତା ସଂଖ୍ୟା 6 ସେବାରେ ତାଙ୍କ କାର୍ଯ୍ୟରେ ଜାରି ରଖିଛନ୍ତି । ତେଣୁ, ସେବାରେ ତାଙ୍କ କାର୍ଯ୍ୟକୁ ବାଧା ନ ଦେଇ , ଆମେ ନିର୍ଦ୍ଦେଶ ଦେଉଛୁ ଯେ ଯଦି ନିକଟସ୍ଥ ଅଞ୍ଚଳରେ କୌଣସି ଶୂନ୍ୟ ପଦବୀ ଅଛି ଯେଉଁଠାରେ ଆବେଦନକାରୀଙ୍କୁ ସମଯୋଜନ କରାଯାଇପାରିବ, ଆବଶ୍ୟକ ନିୟମ ଅନୁସରଣ କରି କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଏହା କରାଯାଇପାରିବ । ଆବେଦନକାରୀ କୌଣସି ପିଛିଲା ମଜୁରୀ ପାଇବାକୁ ହକଦାର ହେବେ ନାହିଁ ଏବଂ ଉତ୍ତରଦାତା ସଂଖ୍ୟା 6 ଙ୍କ ର ସେବା ଜାରି ରଖିବା ବାଧାପ୍ରାପ୍ତ ହେବ ନାହିଁ।

6. ତଦନୁସାରେ ଆବେଦନଟିର ଫଇସଲା କରାଗଲା ।

ବି. ବି. ବି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।